# NATIONAL NEWS BULLETIN (ODIA)
## 10 October - 2023
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିବେ ।
- ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ।
- ଆଇଆଇଟି ମାଡ୍ରାସ ତାଞ୍ଜାନିଆର ଜାଞ୍ଜିବର ଠାରେ କ୍ୟାମ୍ପସ ସ୍ଥାପନ କରିବ ।
- ଇ-ପ୍ରଶାସନ ଓ ଇ-ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶାକୁ ମିଳିଲା ଶତପ୍ରତିଶତ ସଫଳତା ।

ଏବଂ

- ଆଇ.ସି.ସି. ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଇଂଲଣ୍ଡ-ବାଙ୍ଗଲାଦେଶ ଓ ପାକିସ୍ତାନ-ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ପିଏମ୍-ଏସୀୟାନଗେମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ଣରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ଚୀନ୍‌ର ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ହୋଇଥିବା ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିବେ। ସୂଚନା ଅନୁସାରେ, ଚଳିତ ଏସୀୟ କ୍ରୀଡ଼ାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି କାଂସ୍ୟ ପଦକ ସହ ମୋଟ ୧୦୭ଟି ପଦକ ଜିତିଛି। ସମୁଦାୟ ପଦକ ସଂଖ୍ୟା ଦୃଷ୍ଟିରୁ ଏସୀୟ କ୍ରୀଡ଼ାରେ ଏହା ହେଉଛି ଭାରତର ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ।

# ଇଲେକ୍‌ସନ୍

ଆସନ୍ତା ନଭେମ୍ବର ୭ରୁ ୩୦ ମଧ୍ୟରେ ମିଜୋରାମ, ଛତିଶଗଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଡିସେମ୍ବର ୩ରେ ସମସ୍ତ ପାଞ୍ଚଟି ରାଜ୍ୟ ପାଇଁ ଭୋଟ୍ ଗଣନା କରାଯିବ। ଗତକାଲି ଏହି ପାଞ୍ଚଟି ରାଜ୍ୟରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ସହିତ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଛି।

ନଭେମ୍ବର ୧୭ରେ ମଧ୍ୟପ୍ରଦେଶରେ ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ଛତିଶଗଡରେ ନଭେମ୍ବର ୭ ଓ ୧୭ରେ ଦୁଇଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ଏହା ବ୍ୟତୀତ ନଭେମ୍ବର ୨୩ରେ ରାଜସ୍ଥାନରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ନଭେମ୍ବର ୭ରେ ମିଜୋରାମରେ ଏବଂ ୩୦ରେ ତେଲେଙ୍ଗାନାରେ ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆଦର୍ଶ ଆଚରଣ ସଂହିତା ପାଳନ କରିବାକୁ ସମସ୍ତ ରାଜନୈତିକ ଦଳକୁ ନିବେଦନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ୫ଟି ରାଜ୍ୟରେ ପ୍ରାୟ ୧୬ କୋଟି ଭୋଟର ଅଛନ୍ତି। ସେଥିମଧ୍ୟରୁ ୮ କୋଟି ୨୦ ଲକ୍ଷ ପୁରୁଷ ଏବଂ ୭ କୋଟି ୮୦ ଲକ୍ଷ ମହିଳା ଭୋଟର ଅଛନ୍ତି। ଏଥର ୬୦ ଲକ୍ଷ ୨୦ ହଜାର ଭୋଟର ପ୍ରଥମ ଥର ପାଇଁ ଭୋଟ୍ ଦେବେ।

## ସିବିସି ଏଫ୍ଏମ୍ ରେଡିଓ

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସାତ ବର୍ଷ ପରେ ଘରୋଇ ଏଫଏମ ରେଡିଓ ପାଇଁ କେନ୍ଦ୍ରୀୟ ସଂଚାର ବ୍ୟୁରୋ - ସିବିସି ବିଜ୍ଞାପନ ଦରରେ ସଂଶୋଧନ କରିଛି। ମୂଳ ମୂଲ୍ୟରେ ୪୩ ପ୍ରତିଶତ ବୃଦ୍ଧି

କରାଯାଇଛି । ଫଳରେ ଶ୍ରୋତା ସଂଖ୍ୟାକୁ ଆଧାର କରି ବିଭିନ୍ନ ସହରରେ ଥିବା ଷ୍ଟେସନଗୁଡ଼ିକ ପାଇଁ ଦର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇବ ।

ମନ୍ତ୍ରଣାଳୟ ଦ୍ୱାରା ଚଳିତ ବର୍ଷ ସେପଟ୍ମେରରେ ଅନୁମୋଦିତ ହୋଇଥିବା ନୂତନ ଦରରେ ୨୦୧୫ ଡିସେମ୍ବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ବୃଦ୍ଧି ହେଉଥିବା ଖର୍ଚ୍ଚକୁ ଧ୍ୟାନରେ ରଖି ମୂଳ ଦରରେ ୪୩ ପ୍ରତିଶତ ବୃଦ୍ଧି କରାଯାଇଛି । ଏଫଏମ ରେଡିଓ ବିଜ୍ଞାପନ ପାଇଁ ଦଶ ସେକେଣ୍ଡ ପାଇଁ ମୋଟ ମୂଳ ଦର ୫୨ରୁ ୭୪ ଟଙ୍କାକୁ ବୃଦ୍ଧି ପାଇବ । ବର୍ତ୍ତମାନର ବଜାର ଦର ସହିତ ସମାନତା ବଜାୟ ରଖିବା ହେଉଛି ଏହି ସମନ୍ୱୟର ଉଦ୍ଦେଶ୍ୟ । ଏହି ଦର ବୃଦ୍ଧି ବର୍ତ୍ତମାନ ଦେଶରେ କାର୍ଯ୍ୟ କରୁଥିବା ୪୦୦ରୁ ଅଧିକ ଗୋଷ୍ଠୀ ରେଡିଓ ଷ୍ଟେସନ୍ ପାଇଁ ମଧ୍ୟ ଲାଭଦାୟକ ହେବ । ଘରୋଇ ଏଫଏମ ରେଡିଓ ଷ୍ଟେସନ୍ ପାଇଁ ନୂଆ ଦର ଧାର୍ଯ୍ୟ ଲାଗି ଗତ ବର୍ଷ ମନ୍ତ୍ରଣାଳୟ ଦ୍ୱାରା ଦର ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା । ଏହି ଦରଗୁଡିକ ଶେଷ ଥର ପାଇଁ ୨୦୧୫ରେ ସଂଶୋଧିତ ହୋଇଥିଲା ।

## ଇଣ୍ଡିଆ-ତାଞ୍ଜାନିଆ

ତାଞ୍ଜାନିଆର ଜାଞ୍ଜିବର ଠାରେ ଆଇଆଇଟି ମାଡ୍ରାସ କ୍ୟାମ୍ପସ ସ୍ଥାପନ କରିବ । ଭାରତ ଗସ୍ତରେ ଆସିଥିବା ତାଞ୍ଜାନିଆର ରାଷ୍ଟ୍ରପତି ସାମିୟା ସୁଲୁହୁ ହସନଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରିବା ପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ପ୍ରଧାନ କହିଛନ୍ତି। ଦୁଇ ଦେଶ ମଧ୍ୟରେ 'ରଣନୈତିକ ଭାଗିଦାରୀ'କୁ ଆହୁରି ସୁଦୃଢ଼ କରିଥିବାରୁ ମନ୍ତ୍ରୀ ଶ୍ରୀ ପ୍ରଧାନ ତାଞ୍ଜାନିଆ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଞ୍ଜାନିଆ ରାଷ୍ଟ୍ରପତିଙ୍କ ନେତୃତ୍ୱରେ ଉଭୟ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ରହିଥିବା ବନ୍ଧୁତାକୁ ନୂଆ ଉତ୍ସାହ ମିଳିଛି। ଆଲୋଚନା ବେଳେ ଶିକ୍ଷା ଏବଂ ଦକ୍ଷତା ପ୍ରାଥମିକତାକୁ ଆଗକୁ ନେବା ପାଇଁ ତାଞ୍ଜାନିଆ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଭାରତ ଆଗ୍ରହ ଥିବା ଶ୍ରୀ ପ୍ରଧାନ ଅବଗତ କରାଇଛନ୍ତି।

## ସୀତାରମଣ ମୋରୋକୋ

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜିଠାରୁ ମୋରୋକୋର ମାରାକେଶ ଗସ୍ତରେ ଯାଉଛନ୍ତି। ସେ ଜି-୨୦ ବୈଠକରେ ଯୋଗଦେବା ସହିତ ବିଶ୍ୱ ବ୍ୟାଙ୍କ ଗ୍ରୁପ୍ ଏବଂ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ବାର୍ଷିକ ବୈଠକରେ ମଧ୍ୟ ଯୋଗଦେବେ। ବାର୍ଷିକ ବୈଠକରେ ସମସ୍ତ ଦେଶର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅଂଶଗ୍ରହଣ କରିବେ। ଚତୁର୍ଥ ଜି-୨୦ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସହ-ଅଧ୍ୟକ୍ଷତା କରିବେ। ଏହା

ଛଡା ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ମାରାକେଶରେ ହେବାକୁ ଥିବା ଅନ୍ୟ ବୈଠକ ବ୍ୟତୀତ ଇଣ୍ଡୋନେସିଆ, ମୋରୋକୋ, ବ୍ରାଜିଲ, ସ୍ୱିଜରଲ୍ୟାଣ୍ଡ, ଜର୍ମାନୀ ଏବଂ ଫ୍ରାନ୍ସ ସହିତ ରନ୍‌ମନ୍ତ୍ରୀ ସୀତାରମଣ ମଧ୍ଯ ଦ୍ୱିପାକ୍ଷିକ ବୈଠକ କରିବେ।

## ଇ-ଗଭ୍ ଓଡ଼ିଶା

ଇ-ପ୍ରଶାସନ ଓ ଇ-ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶାକୁ ଶତପ୍ରତିଶତ ସଫଳତା ମିଳିଛି। ଚିହ୍ନଟ ଏକକ ସମନ୍ୱିତ ସେବା ପ୍ରଦାନ ପୋର୍ଟାଲ୍ ଓଡ଼ିଶା ୱାନ୍ ଜରିଆରେ ଓଡ଼ିଶା ଶତପ୍ରତିଶତ ସେବା ପ୍ରଦାନ କରିଥିବା ଜଣାପଡିଛି। ଦେଶରେ ଇ-ଗଭର୍ଣ୍ଣାନ୍ସକୁ ପ୍ରୋତ୍ସାହିତ କରିବା ଏବଂ ଇ-ସେବା ଯୋଗାଣରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ସେବା ଅଧିକାର କମିସନରଙ୍କ ଦ୍ୱିତୀୟ ବୈଠକରୁ ଏ ସମ୍ପର୍କରେ ତଥ୍ୟ ମିଳିପାରିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ଦ୍ୱାରା ମୋଟ୍ ୧୪ ହଜାର ୭୩୬ଟି ଇସେବା ଯୋଗାଇ ଦିଆଯାଉଛି। ୨ ହଜାର ୧୬ଟି ବାଧ୍ୟତାମୂଳକ ଇ-ସେବା ମଧ୍ୟରୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ୧ ହଜାର ୫୦୫ଟି ଇ-ସେବା ଯୋଗାଇ ଦେଇ ୭୪ ଦଶମିକ ୫ ପ୍ରତିଶତ ଲକ୍ଷ୍ୟ ହାସଲ କରିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଦ୍ୱାରା ୧୪ ହଜାର ୭୩୬ଟି ଇସେବା ଯୋଗାଇ ଦିଆଯାଉଥିବା

ବେଳେ ଜମ୍ମୁ ଓ କଶ୍ମୀରରେ ସବୁଠୁ ଅଧିକ ୧ ହଜାର ୨୮ଟି ଇ-ସେବା ପ୍ରଦାନ କରାଯାଉଛି । ଓଡ଼ିଶା ବ୍ୟତୀତ କେରଳ ଓ ଜମ୍ମୁକାଶ୍ମୀର ଶତପ୍ରତିଶତ ଇସେବା ଯୋଗାଇବାରେ ସଫଳ ହୋଇଛନ୍ତି।

## ଶାହା ଏନ୍‌ସିଡିସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହଯୋଗ ମାଧ୍ୟମରେ ସମୃଦ୍ଧିର ଦୂରଦୃଷ୍ଟି ହାସଲ କରିବାରେ ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ-ଏନସିଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀରେ ଏନସିଡିସିର ଅଣାଅଶୀତମ ସାଧାରଣ ପରିଷଦ ବୈଠକକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି ଯେ ଦେଶରେ ସମବାୟ ଆନ୍ଦୋଳନକୁ ମଜବୁତ କରିବା ପାଇଁ ତାଙ୍କ ମନ୍ତ୍ରଣାଳୟ ଅନେକ ପଦକ୍ଷେପ ନେଇଛି। ପ୍ରାଥମିକ କୃଷି ଋଣ ସମିତିକୁ ମଜବୁତ କରିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ଦେଶର ୬୦ କୋଟି ଗରିବ ଜନସଂଖ୍ୟାର ଅର୍ଥନୈତିକ ବିକାଶ ପାଇଁ ସମବାୟ ଏକମାତ୍ର ମାଧ୍ୟମ ବୋଲି ସେ କହିଛନ୍ତି।

ଶ୍ରୀ ଶାହା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହାୟତାରେ ଏକ ରାଷ୍ଟ୍ରୀୟ ସମବାୟ ଡାଟାବେସ୍ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଆଠ ଲକ୍ଷରୁ ଅଧିକ ସମବାୟ ସମିତିର ବିସ୍ତୃତ ତଥ୍ୟ ରହିଛି। ଶ୍ରୀ ଶାହା କହିଛନ୍ତି ଯେ ଏନସିଡିସି ୨୦୨୨-୨୩ ମସିହାରେ ଗ୍ରାମାଞ୍ଚଳ ସମେତ ସମଗ୍ର

ଦେଶକୁ ୪୧ ହଜାର କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛି। ଶ୍ରୀ ଶାହା କହିଛନ୍ତି ଯେ ଏନସିଡିସି ଆଗାମୀ ତିନି ବର୍ଷରେ ବାର୍ଷିକ ୧ ଲକ୍ଷ କୋଟି ଟଙ୍କା ଆର୍ଥିକ ସହାୟତା ଲକ୍ଷ୍ୟ ଧାର୍ଯ୍ୟ କରିବା ଉଚିତ୍।

## ଇସ୍ରାଏଲ୍

ଆମେରିକା, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ ଏବଂ ଇଟାଲୀର ନେତାମାନେ ଏକ ମିଳିତ ବିବୃତ୍ତିରେ ଆତଙ୍କବାଦୀ ଗୋଷ୍ଠୀ ହମାସ ଦ୍ୱାରା ହଠାତ୍ ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍, ଜର୍ମାନ ଚାନସ୍ଲେର୍ ସ୍କୋଲଜ୍, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନାକ ମିଳିତ ବିବୃତ୍ତିରେ କହିଛନ୍ତି ଯେ ହମାସର ଆତଙ୍କବାଦୀ କାର୍ଯ୍ୟକଳାପକୁ କେହି ସମର୍ଥନ କରନ୍ତି ନାହିଁ।

ଏହି ବିବୃତ୍ତିରେ କୁହାଯାଇଛି ଯେ ହମାସ ଆତଙ୍କବାଦୀମାନେ କିଭଳି ନରସଂହାର କରିଛନ୍ତି, ଏକ ସଙ୍ଗୀତ ମହୋତ୍ସବରେ ଯୋଗ ଦେଉଥିବା ଦୁଇଶହରୁ ଅଧିକ ଯୁବକଙ୍କୁ ହତ୍ୟା ସହ ବୃଦ୍ଧ ମହିଳା, ଶିଶୁ ଏବଂ ସମଗ୍ର ପରିବାରକୁ ଅପହରଣ କରିନେଇଛନ୍ତି, ତାହା ବିଶ୍ୱ ଦେଖିଛି। ଏହି ଅତ୍ୟାଚାରରୁ ନିଜକୁ ତଥା ନିଜ ଲୋକଙ୍କୁ ରକ୍ଷା କରିବା ପାଇଁ ସେମାନଙ୍କ

ଦେଶ ଇସ୍ରାଏଲକୁ ସମର୍ଥନ କରିବ ବୋଲି ବିବୃତ୍ତିରେ କୁହାଯାଇଛି। ଏହି ନେତାମାନେ କହିଛନ୍ତି ଯେ ସେମାନେ ପାଲେଷ୍ଟାଇନ ଲୋକଙ୍କ ଆଇନଗତ ଆକାଂକ୍ଷାକୁ ସ୍ୱୀକାର କରନ୍ତି କିନ୍ତୁ ହମାସ୍ ଆତଙ୍କବାଦ ଏବଂ ରକ୍ତପାତ ବ୍ୟତୀତ ପାଲେଷ୍ଟାଇନବାସୀଙ୍କ ପାଇଁ କିଛି ଭଲ କରି ନ ଥାଏ।

## ବିଜେପି-କଂଗ୍ରେସ କାଷ୍ଟ

ଜାତି ଭିତ୍ତିକ ଜନଗଣନା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ ଭାରତୀୟ ଜନତା ପାର୍ଟି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସେ ରାଜନୈତିକ ଲାଭ ପାଇଁ ସମାଜକୁ ବିଭାଜନ କରିବାକୁ ଚେଷ୍ଟା କରୁଥିବା ବିଜେପି ଅଭିଯୋଗ କରିଛି। ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ସ୍ୱାଧୀନତା ଠାରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ସର୍ବଦା ଜାତି ଭିତ୍ତିକ ଜନଗଣନାକୁ ବିରୋଧ କରୁଥିଲା। ଦଶନ୍ଧି ଧରି କ୍ଷମତାରେ ଥିବାବେଳେ କଂଗ୍ରେସ ଜାତି ଭିତ୍ତିକ ଜନଗଣନା କାହିଁକି କରୁ ନ ଥିଲା, ତାହା ସ୍ପଷ୍ଟ କରିବାକୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତି ଭିତ୍ତିକ ଜନଗଣନା କରିବା ପାଇଁ କେବଳ କେନ୍ଦ୍ର ସରକାରଙ୍କ ସାମ୍ବିଧାନିକ ଅଧିକାର ରହିଛି। ଜାତି ଜନଗଣନା ନେଇ

ରାହୁଲ ଗାନ୍ଧୀ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛନ୍ତି। ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମଣ୍ଡଳ ଆୟୋଗ ସୁପାରିଶ ଅନୁଯାୟୀ କେନ୍ଦ୍ର ସରକାରୀ ଚାକିରିରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ କାହିଁକି ବିରୋଧ କରିଥିଲେ।

ଏହାପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଦେଶବ୍ୟାପୀ ଜାତି ଭିତ୍ତିକ ଜନଗଣନା ବିଷୟକୁ ସମର୍ଥନ କରିବା ପାଇଁ କଂଗ୍ରେସ କାର୍ଯ୍ୟ କମିଟି ସର୍ବସମ୍ମତ ନିଷ୍ପତ୍ତି ନେଇଛି। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଗାନ୍ଧୀ କହିଥିଲେ ଯେ ଇଣ୍ଡିଆର ଅଧିକାଂଶ ଦଳ ଜାତି ଭିତ୍ତିକ ଜନଗଣନାକୁ ସମର୍ଥନ କରିବେ। ଜାତି ଭିତ୍ତିକ ଜନଗଣନାକୁ ସମର୍ଥନ କରିବା ପାଇଁ କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି ଗରିବଙ୍କ ସ୍ୱାର୍ଥରେ ଏକ ପ୍ରଗତିଶୀଳ ତଥା ଶକ୍ତିଶାଳୀ ପଦକ୍ଷେପ ବୋଲି ସେ କହିଛନ୍ତି।

## ଇସ୍ରାଏଲ୍ ଆଟାକ୍

ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟ ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ପଦକ୍ଷେପଗୁଡ଼ିକରେ ବିଦ୍ୟୁତ୍ କାଟ ଏବଂ ଖାଦ୍ୟ ଏବଂ ଇନ୍ଧନ ଛଡ଼ାଯିବା

ଉପରେ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ ହେବ। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷରେ ମୃତ୍ୟୁ ସଂଖ୍ୟା ତେର ଶହରୁ ଅଧିକ ହୋଇଥିବା ବେଳେ ଗାଜା ପଟ୍ଟୀ ଅଞ୍ଚଳରେ ୧ ଲକ୍ଷ ୨୩ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଶନିବାର ଠାରୁ ଗାଜା ଷ୍ଟ୍ରିପ ଉପରେ ଇସ୍ରାଏଲର କ୍ଷେପଣାସ୍ତ୍ର ଆକ୍ରମଣରେ ୫୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ହଜାର ୭୫୦ ଜଣ ଆହତ ହୋଇଛନ୍ତି।ଅନ୍ୟ ପକ୍ଷରେ, ଇସ୍ରାଏଲରେ ମୃତ୍ୟୁ ସଂଖ୍ୟା ଆଠ ଶହରେ ଏବଂ ଆହତଙ୍କ ସଂଖ୍ୟା ୨୨ ଶହରୁ ଅଧିକରେ ପହଞ୍ଚିଛି।

ଆମେରିକା ନିଶ୍ଚିତ କରିଛି ଯେ ଏହାର ୯ ଜଣ ନାଗରିକ ଇସ୍ରାଏଲରେ ନିହତ ହୋଇଛନ୍ତି। ହ୍ୱାଇଟ ହାଉସ ଏକ ବିବୃତ୍ତିରେ କହିଛି ଯେ ଆମେରିକା ନିରନ୍ତର ପରିସ୍ଥିତି ଉପରେ ନଜର ରଖିଛି ଏବଂ ଇସ୍ରାଏଲର ଅଧିକାରୀଙ୍କ ସହ ଯୋଗାଯୋଗ କରୁଛି।ବ୍ରିଟିଶ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଏହି ଘଟଣା ପରେ ୧୦ରୁ ଅଧିକ ବ୍ରିଟିଶ ନାଗରିକ ମୃତ କିମ୍ବା ନିଖୋଜ ଅଛନ୍ତି।

ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ-ହମାସର ଆକ୍ରମଣ ଯୋଗୁଁ ଇସ୍ରାଏଲରେ ଅତି କମରେ ୧୦ ନେପାଳୀ ନାଗରିକ ନିହତ ହୋଇଥିବା ବେଳେ ଚାରି ଜଣ ଆହତ ହୋଇଛନ୍ତି।

ଇସ୍ରାଏଲ୍ ସେନା କହିଛି ଯେ ଗାଜାର ହମାସ କେନ୍ଦ୍ର ଉପରେ ଏହା ବଡ଼ ଆକ୍ରମଣ କରିଛି। ଅନ୍ୟପକ୍ଷରେ ପାଲେଷ୍ଟାଇନକୁ ସହାୟତା ବନ୍ଦ କରିବାକୁ ଅଷ୍ଟ୍ରିଆ ଏବଂ ଜର୍ମାନୀ ଘୋଷଣା କରିଛନ୍ତି।

## କ୍ରିକେଟ୍

ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପରେ ହାଇଦ୍ରାବାଦରେ ଗତକାଲି ନ୍ୟୁଜିଲ୍ୟାଣ୍ଡ, ନେଦରଲ୍ୟାଣ୍ଡକୁ ୯୯ ରନରେ ପରାସ୍ତ କରିଛି। ୩୨୩ ରନ ଜବାବରେ ନେଦରଲ୍ୟାଣ୍ଡ ୪୬ ଓଭର ୩ଟି ବଲରେ ସମସ୍ତ ୱିକେଟ୍ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ବିନିମୟରେ ୩୨୨ ରନ୍ ସଂଗ୍ରହ କରିଥିଲା।

ଆଜି ସକାଳ ୧୦.୩୦ରେ ଧର୍ମଶାଳାରେ ଇଂଲଣ୍ଡ-ବାଂଲାଦେଶ ଏବଂ ଅପରାହ୍ନ ୨ଟାରୁ ହାଇଦ୍ରାବାଦରେ ପାକିସ୍ତାନ-ଶ୍ରୀଲଙ୍କା ମୁହାଁମୁହିଁ ହେବେ। ଆସନ୍ତାକାଲି ଅରୁଣ ଜେଟଲୀ ଷ୍ଟାଡିୟମରେ ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଖେଳିବା ପାଇଁ ଭାରତୀୟ ଦଳ ଗତ ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ୱିକେଟରେ ପରାସ୍ତ କରିଛି।